# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**11 June – 2025**

**News Editor : Itishree Singh Rathaur**

********************************

## ମୁଖ୍ୟ ସମ୍ବାଦ

- ପୁରୀରେ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ସ୍ନାନବେଦୀରେ ହାତୀବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି

— ବ୍ରହ୍ମଗିରିରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ପ୍ରଭୁ ଅଲାରନାଥଙ୍କ ଦର୍ଶନ

- ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ବିକାଶମେଳାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

- ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଝାଡାବାନ୍ତିରେ ୨୦୦ରୁ ଅଧିକ ଆକ୍ରାନ୍ତ; ସ୍ଥିତି ଅନୁଧ୍ୟାନ କରୁଛନ୍ତି ସ୍ୱତନ୍ତ୍ର ଡାକ୍ତରୀ ଦଳ

ଏବଂ

- ନମୋ ଆପ୍‌ରେ ଜନ ମନ ସର୍ବେକ୍ଷଣକୁ ଗୋଟିଏ ଦିନରେ ମିଳିଛି ୫ ଲକ୍ଷରୁ ଅଧିକ ପ୍ରତିକ୍ରିୟା

# ଦେବସ୍ନାନ ପୂର୍ଣ୍ଣିମା

ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ତିଥିରେ **ପୁରୀ**ରେ ଶ୍ରୀଜୀଉମାନେ ସ୍ନାନବେଦୀରେ ଶ୍ରଦ୍ଧାଳୁମାନଙ୍କୁ ଗଜାନନ ବା ହାତୀ ବେଶରେ ଦର୍ଶନ ଦେଉଛନ୍ତି। ଶ୍ରୀମନ୍ଦିରରେ ଆସନ୍ତାକାଲିଠାରୁ ଅନବସର ନୀତି ଆରମ୍ଭ ହେବା ସହ ପଟ୍ଟିଦିଅଁ ପୂଜା ପାଇବେ। ଏହି ଅବସରରେ ଆସନ୍ତାକାଲିଠାରୁ ବ୍ରହ୍ମଗିରିରେ ପ୍ରଭୁ ଅଲାରନାଥଙ୍କ ଦର୍ଶନ ଆରମ୍ଭ ହେବ। ଆଜି ଭୋର୍ ସାଢ଼େ ୫ଟାରେ ମଙ୍ଗଳାର୍ପଣ ନୀତି ସମ୍ପନ୍ନ ହେବା ପରେ ଶ୍ରୀଜୀଉମାନେ ରତ୍ନବେଦୀ ଛାଡି ଧାଡି ପହଣ୍ଡିରେ ସ୍ନାନବେଦୀକୁ ବିଜେ କରିଥିଲେ। ସେଠାରେ ସୁନାକୂଅରୁ ଅଣାଯାଇଥିବା ୧୦୮ ଗରା ସୁବାସିତ ଜଳରେ ଶ୍ରୀଜୀଉମାନଙ୍କୁ ସ୍ନାନ କରାଯାଇଥିଲା। ଏହାପରେ ଅପରାହ୍ଣରେ ଗଜପତି ମହାରାଜା ଦିବ୍ୟସିଂହଦେବ ଛେରାପହରା ନୀତି ସମ୍ପନ୍ନ କରିଥିଲେ। ଆଜି ବିଳମ୍ବିତ ରାତିରେ ମହାପ୍ରଭୁମାନଙ୍କୁ ଗୋଟି ପହଣ୍ଡିରେ ବାହୁଡା ବିଜେ କରାଯିବ। ମହାପ୍ରଭୁଙ୍କ ପହଣ୍ଡି, ଜଳଲାଗି ଓ ହାତୀବେଶ ଆଦି ନୀତିକୁ ଶୃଙ୍ଖଳିତ କରିବା ଲାଗି ସେବାୟତ ଓ ପ୍ରଶାସନ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ୭୦ ପ୍ଲାଟୁନ୍ ପୋଲିସ୍ ଫୋର୍ସ୍ ମୁତୟନ କରାଯାଇଛି। **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଆଜି ପୁରୀ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି।

ଦେବସ୍ନାନ ପୂର୍ଣ୍ଣିମାରେ **ଭଦ୍ରକ** ଜିଲ୍ଲା ଆରଡିର ବାବା ଆଖଣ୍ଡଳମଣିଙ୍କ ପୀଠରେ ବୈତରଣୀ ନଦୀରୁ ୫୧ଟି ପିତ୍ତଳ ଗରାରେ ଜଳ ଅଣାଯାଇ ବାବା

ମଣିଙ୍କୁ ନୀତିକାନ୍ତି ଅନୁଯାୟୀ ସ୍ନାନ କରାଯାଇଥିଲା। ଏଥିସହିତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପାରମ୍ପରିକ ରୀତିରେ ସ୍ନାନ କରାଯାଇଛି।

**ବୌଦ୍ଧ** ସହରର ଜଗନ୍ନାଥ ମନ୍ଦିରରେ ତିନି ଠାକୁରଙ୍କୁ ୧୦୮ କଳସୀ ସୁବାସିତ ଜଳରେ ସ୍ନାନ କରାଯିବା ପରେ ଚତୁର୍ଦ୍ଧାମୂର୍ତ୍ତି ଗଜାନନ ବେଶରେ ଦର୍ଶନ ଦେଉଛନ୍ତି।

**କୋରାପୁଟ** ସାବର ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ଚନ୍ଦନ ପୋଖରୀରୁ ଅଣାଯାଇଥିବା ୧୦୮ ଗରା ସୁବାସିତ ଜଳରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ କରାଯାଇଛି।

## ରତ୍ନଭଣ୍ଡାର ମରାମତି

**ପୁରୀ** ଶ୍ରୀମନ୍ଦିରର ଭିତର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବ। ଭାରତୀୟ ପ୍ରତ୍ନତାତ୍ତ୍ୱିକ୍ ସର୍ବେକ୍ଷଣ ସଂସ୍ଥା-ଏଏସ୍ଆଇ ପକ୍ଷରୁ ଭିତର ରତ୍ନଭଣ୍ଡାର ମରାମତି କାର୍ଯ୍ୟ କରାଯିବ। ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଜଗମୋହନ ଖାଲି ହେଉଥିବାରୁ ପୂର୍ବ ବୈଠକ ନିଷ୍ପତ୍ତି ଅନୁଯାୟୀ ୨୮ ତାରିଖରୁ ରଥଯାତ୍ରା ଶେଷ ହେବା ପର୍ଯ୍ୟନ୍ତ ଭିତର ରତ୍ନଭଣ୍ଡାର ମରାମତି କାର୍ଯ୍ୟ କରାଯିବ।

## ବିକାଶମେଳା

ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଆଜି ରାଜ୍ୟସ୍ତରୀୟ ବିକାଶମେଳାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିଛନ୍ତି। ଆସନ୍ତାକାଲି ରାଜ୍ୟରେ ବିଜେପି ସରକାରର କାର୍ଯ୍ୟକାଳର ପ୍ରଥମ ବର୍ଷ ପୂର୍ତ୍ତି ପାଳନ କରାଯିବ। ପ୍ରଦର୍ଶନୀ ପଡିଆରେ ଆଜିଠାରୁ ୧୮ ତାରିଖ ବୁଧବାର ପର୍ଯ୍ୟନ୍ତ ଏହି ମେଳା ଚାଲିବ। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟ ଏବଂ ସ୍ଥାନୀୟ ବିଧାୟକ ଉପସ୍ଥିତ ଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ପିଏମ୍-ଓଡ଼ିଶା ଭିଜିଟ୍

ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାରଙ୍କୁ ଏକବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଆସନ୍ତା ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତରେ ଆସିବେ ବୋଲି ସୂଚନା ମିଳିଛି। ଭୁବନେଶ୍ୱର ଜନତା ମଇଦାନଠାରେ ଏହି ଅବସରରେ ଏକ ବିରାଟ ସମାବେଶର ଆୟୋଜନ କରାଯିବ। କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଲାଗି ୬୦ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି।

## ଝାଡାବାନ୍ତି

**ଯାଜପୁର** ଜିଲ୍ଲାର ବ୍ୟାସନଗର, ଧର୍ମଶାଳା, ରସୁଲପୁର, ଦାନଗଦି, ସୁକିନ୍ଦା ଏବଂ କୋରେଇ ବ୍ଲକ୍‌ରେ ଝାଡାବାନ୍ତି ବ୍ୟାପିବା ଘଟଣାରେ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, ସ୍ୱତନ୍ତ୍ର ଡାକ୍ତରୀ

ଦଳ ଆକ୍ରାନ୍ତଙ୍କ ଚିକିତ୍ସା କରୁଛନ୍ତି । ଏହାସହ ଝାଡାବାନ୍ତି ବ୍ୟାପିବାର କାରଣ ନେଇ ଅନୁଧ୍ୟାନ କରାଯାଉଛି ।

ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ମୋଟ ୨୪୫ ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି । ଏ ସମ୍ପର୍କରେ ଆମ ଯାଜପୁର ସମ୍ବାଦଦାତା **ପ୍ରିୟରଂଜନ କର**ଙ୍କ ରିପୋର୍ଟ....

**- V/O –**

## ପିଏମ୍-ନମୋ ଆପ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ କାର୍ଯ୍ୟକାଳର ୧୧ ବର୍ଷ ପୂର୍ତ୍ତି ଅବସରରେ ନମୋ ଆପ୍ ଜରିଆରେ 'ଜନ ମନ୍ ସର୍ବେକ୍ଷଣ'ର ଶୁଭାରମ୍ଭ କରାଯାଇଛି । ଗୋଟିଏ ଦିନରେ ସର୍ବେକ୍ଷଣକୁ ୫ ଲକ୍ଷରୁ ଅଧିକ ପ୍ରତିକ୍ରିୟା ମିଳିଛି, ଯାହା ଏହି ଅଭିଯାନର ଲୋକପ୍ରିୟତାକୁ ଦର୍ଶାଉଛି ।

ସାଧାରଣ ଲୋକଙ୍କୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସକ୍ରିୟ ଭାବରେ ସାମିଲ କରିବା ଓ ସେମାନଙ୍କୁ ପ୍ରମୁଖ ଜାତୀୟ ପ୍ରସଙ୍ଗ ତଥା ସରକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ନିଜର ମତ ରଖିବା ଲାଗି ଏହି ଅଭିନବ ସର୍ବେକ୍ଷଣର ଶୁଭାରମ୍ଭ କରାଯାଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏକ୍ସରେ ଜନ ମନ ସର୍ବେକ୍ଷଣର ଘୋଷଣା କରିଥିଲେ । ଏହି ସର୍ବେକ୍ଷଣ ଦେଶର କୋଣ-ଅନୁକୋଣରୁ ଆସିଥିବା ଲୋକଙ୍କ ପ୍ରତିକ୍ରିୟା ମାଧ୍ୟମରେ ଜନ ସାଧାରଣଙ୍କ ମନର କଥା

ଜାଣି ଭବିଷ୍ୟତର ନୀତି ପ୍ରଣୟନ କରିବାରେ ସେଗୁଡ଼ିକ ସହାୟକ ହେବ ବୋଲି କୁହାଯାଉଛି ।

## ୧୧ ବର୍ଷ–ସୁରକ୍ଷିତ ମାତୃତ୍ୱ

ସେବା, ସୁ-ଶାସନ ଏବଂ ଗରିବ କଲ୍ୟାଣ ନୀତି ଆଧାରରେ ଦେଶରେ ଗତ ଏକ ଦଶନ୍ଧି ମଧ୍ୟରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି । ଆକାଶବାଣୀ ସମ୍ବାଦ ବିଭାଗ ଗତ ୧୧ ବର୍ଷ ମଧ୍ୟରେ ପ୍ରମୁଖ କ୍ଷେତ୍ର ଗୁଡ଼ିକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ପ୍ରୟାସ ଉପରେ ବିଶେଷ ପ୍ରସ୍ତୁତି ଉପସ୍ଥାପନ କରୁଛି । ଆଜି ଆସନ୍ତୁ ଶୁଣିବା ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ସମ୍ପର୍କିତ ଏକ ରିପୋର୍ଟ....

**- V/O - (Smrutirekha Tarenia)**

*ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ-PMSMA ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଏକ ପ୍ରମୁଖ କାର୍ଯ୍ୟକ୍ରମ, ଯାହା ଚଳିତବର୍ଷ ସଫଳତାର ସହ ୯ ବର୍ଷ ପୂରଣ କରିଛି। ପ୍ରତିମାସର ୯ ତାରିଖରେ ସମସ୍ତ ଗର୍ଭବତୀ ମହିଳାମାନଙ୍କୁ ଗର୍ଭଧାରଣର ଦ୍ୱିତୀୟ ଓ ତୃତୀୟ ତ୍ରୟୋମାସରେ ସୁନିଶ୍ଚିତ, ସମ୍ପୂର୍ଣ୍ଣ ଓ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଏହାକୁ ଆରମ୍ଭ କରାଯାଇଛି। ଗର୍ଭବତୀଙ୍କ ସ୍ୱାସ୍ଥ୍ୟପ୍ରତି ଥିବା ବିଭିନ୍ନ ବିପଦର ଆଶଙ୍କାକୁ ଆଗୁଆ ଚିହ୍ନଟ କରି ଠିକ୍ ସମୟରେ ଚିକିତ୍ସା ସେବା ଯୋଗାଇ ମାତୃ ଓ ନବଜାତଙ୍କ ମୃତ୍ୟୁହାର ହ୍ରାସ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ। ବର୍ତ୍ତମାନସୁଦ୍ଧା PMSMA ଅଧୀନରେ ୬ କୋଟିରୁ ଊର୍ଦ୍ଧ୍ୱ ଗର୍ଭବତୀ ମହିଳାଙ୍କର ପରୀକ୍ଷା କରାଯାଇସାରିଛି। ୨୦୧୪ରୁ୧୬ ମସିହାରେ ମାତୃମୃତ୍ୟୁ ଅନୁପାତ ୧୩୦ରୁ ହ୍ରାସ ପାଇ ୨୦୨୧-୨୩ ମସିହା*

*ମଧ୍ୟରେ ୮୦ରେ ପହଞ୍ଚିଛି। ଜାତୀୟ ସ୍ୱାସ୍ଥ୍ୟମିଶନ ଅଧୀନରେ ଥିବା ପ୍ରଜନନ, ମାତୃ, ନବଜାତ, ଶିଶୁ ଏବଂ କିଶୋର ସ୍ୱାସ୍ଥ୍ୟ ସହିତ ପୁଷ୍ଟିସାଧନ ସହ PMSMA ସମାନ୍ତରାଳ ଭାବେ କାର୍ଯ୍ୟ କରୁଛି। ୨୦୨୪ ମସିହା ଡିସେମ୍ବର ୩୧ ସୁଦ୍ଧା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୭୮ ଲକ୍ଷରୁ ଊର୍ଦ୍ଧ୍ୱ ଉଚ୍ଚ ବିପଦପୂର୍ଣ୍ଣ ଗର୍ଭଧାରଣ ଚିହ୍ନଟ କରାଯାଇଛି। ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ଲକ୍ଷ୍ୟ, ସୁରକ୍ଷିତ ମାତୃତ୍ୱ ଆଶ୍ୱାସନା, ପୋଷଣ ଅଭିଯାନ ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନ ଯୋଜନା PMSMA ସହ ପରିପୂରକ ଭାବେ କାର୍ଯ୍ୟ କରୁଛି। ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ମାତୃ ସ୍ୱାସ୍ଥ୍ୟ ପାଇଁ ଏକ ଲକ୍ଷ୍ୟଭିତ୍ତିକ ଓ ଢାଞ୍ଚାଗତ ଆଭିମୁଖ୍ୟକୁ ସଫଳତାର ସହ ପ୍ରତିପାଦିତ କରିଆସୁଛି।*

## ତତ୍କାଳ ଟିକେଟ୍ ବୁକିଂ

ତତ୍କାଳ ଟିକେଟ୍ ବୁକିଂରେ ସ୍ୱଚ୍ଛତା ଆଣିବା ଲାଗି ଭାରତୀୟ ରେଳବାଇ ପରିବର୍ତ୍ତିତ ବ୍ୟବସ୍ଥା ଲାଗୁ କରିଛି। ଆସନ୍ତା ଜୁଲାଇ ପହିଲାରୁ ଏହା କାର୍ଯ୍ୟକାରୀ ହେବ। ଆଇଆରସିଟିସି ଅଫିସିଆଲ୍ ୱେବ୍‌ସାଇଟ୍ ଏବଂ ମୋବାଇଲ୍ ଆପ୍ ମାଧ୍ୟମରେ ଆଧାରକାର୍ଡ ପ୍ରମାଣୀକରଣ ମାଧ୍ୟମରେ **ତତ୍କାଳ ଟିକେଟ୍ ବୁକିଂ** ହୋଇପାରିବ। ଯାତ୍ରୀ ସଂରକ୍ଷଣ କମ୍ପ୍ୟୁଟର ବ୍ୟବସ୍ଥା ଯୋଗାଉଥିବା କାଉଣ୍ଟର କିମ୍ବା ଅଧିକୃତ ଏଜେଣ୍ଟ ମାଧ୍ୟମରେ କରାଯାଇଥିବା ବୁକିଂ ସମୟରେ ଯାତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ମୋବାଇଲ୍ ନମ୍ବରରେ ଆସିଥିବା ଓଟିପିକୁ ବ୍ୟବହାର କରାଯିବ। ଏହା ଆଧାରରେ ତତ୍କାଳ ଟିକେଟ୍ ବୁକିଂ ହୋଇପାରିବ ବୋଲି ରେଳବାଇ ପକ୍ଷରୁ

ସୂଚନା ଦିଆଯାଇଛି । ରେଳବାଇ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ଯାତ୍ରୀମାନଙ୍କୁ ଆଇଆରସିଟିସି ୟୁଜର ପ୍ରୋଫାଇଲ୍ ସହ ସେମାନଙ୍କ ଆଧାରକୁ ସଂଲଗ୍ନ କରିବା ଲାଗି ପରାମର୍ଶ ଦିଆଯାଇଛି ।

# ଏଥର କିଛି ଖବର ସଂକ୍ଷେପରେ

ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର **ବୌଦ୍ଧ** ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକର ସମୀକ୍ଷା କରିଛନ୍ତି । ବୈଠକରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ପଦକ୍ଷେପ ନେବାକୁ ମନ୍ତ୍ରୀ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

**ଗଞ୍ଜାମ** ଜିଲ୍ଲା ଛତ୍ରପୁର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଟେବୁଲଟପ୍ ଓ ବିପର୍ଯ୍ୟୟ ପରିଚାଳନା ବୈଠକ ଅନୁଷ୍ଠିତ ହୋଇଛି । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମସ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

**ବୌଦ୍ଧ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ନେଇ ଟେବୁଲ୍‌ଟପ୍ କର୍ମଶାଳା ଆୟୋଜିତ ହୋଇଛି । ଏଥିରେ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ପଦକ୍ଷେପ ନେବାକୁ ଜିଲ୍ଲାର ଅଧିକାରୀମାନଙ୍କୁ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ନିର୍ଦ୍ଦେଶ ଦେଇଛନ୍ତି ।

**କେନ୍ଦ୍ରାପଡା** ଜିଲ୍ଲାରେ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତାକାଲିଠାରୁ ବିକାଶମେଳା ଆରମ୍ଭ ହେବ।  ଏହି ସମୟରେ ପଲିଶ୍ରୀମେଳାର ମଧ୍ୟ ଆୟୋଜନ କରାଯିବ ।